**ଓଡ଼ିଶା ଉଚ୍ଚ ନ୍ୟାୟାଳୟ,କଟକ**

**ଡବ୍ଲ୍ୟୁ . ପି. (ସି) ସଂଖ୍ୟା 16069 / 2023**

*ଶୁଭମ୍ କୁମାର ଦୋରା* ...... *ଆବେଦନକାରୀ*

*- ବନାମ -*

*ଓଡ଼ିଶା ରାଜ୍ୟ ଓ ଅନ୍ୟମାନେ* ...... *ପ୍ରତିପକ୍ଷବୃନ୍ଦ*

**ଉପସ୍ଥିତ ବିଜ୍ଞ ଅଧିବକ୍ତା ଗଣ :**

**ଆବେଦନକାରୀଙ୍କ ନିମିତ୍ତ** : ଶ୍ରୀଯୁକ୍ତ ଦିଗମ୍ବର ମିଶ୍ର, ଅଧିବକ୍ତା

**ପ୍ରତିପକ୍ଷବୃନ୍ଦଙ୍କ ନିମିତ୍ତ** : ସୁଶ୍ରୀ ସୁମନ ପଟ୍ଟନାୟକ, ଏଜିଏ

**ପୀଠାସୀନ : ନ୍ୟାୟମୂର୍ତ୍ତି ଅରିନ୍ଦମ ସିହ୍ନା**

---

ଶୁଣାଣିର ତାରିଖ : 18.05.2023, 31.07.2023 ଏବଂ 03 .08.2023

ରାୟର ତାରିଖ : 03.08.2023

---

1. ଆବେଦନକାରୀଙ୍କ ମତେ ତାଙ୍କ ଜେଜେବାପା ଏବଂ ପିତା ଉଭୟ ଙ୍କୁ 'କୋଣ୍ଡଦୋରା' ଅନୁସୂଚିତ ଜାତିର ବୋଲି ଦର୍ଶାଇ ଜାତି ପ୍ରମାଣପତ୍ର ଜାରି କରାଯାଇଥିଲା । ତା 06 ରିଖ ମଇ ମାସ 2023 ମସିହା ରେ ତହସିଲଦାର ଙ୍କ ର ସେହି ଆଦେଶ ଯେଉଁଥିରେ କର୍ତ୍ତୃପକ୍ଷ ନିଷ୍ପତ୍ତି କଲେ ଯେ ସେ ଅନୁସୂଚିତ ଜନଜାତିର ନୁହଁନ୍ତି ବରଂ 'ତେଲେଙ୍ଗା' ଜାତିର , ତାହା ବିରୁଦ୍ଧରେ ସେ ଆପତ୍ତି କରିଛନ୍ତି । ସେହି ନିର୍ଣ୍ଣୟ ଯେଉଁ କାରଣ ମାନଙ୍କ ଉପରେ ଉପରେ ଆଧାରିତ ଥିଲା ତାହା ନିମ୍ନରେ ଉଦ୍ଧୃତ କରାଗଲା ।

*"ଦେଖାଯାଏ ଯେ ସାବକ ରେକର୍ଡ ଅଫ୍ ରାଇଟ୍ (1936 ବନ୍ଦୋବସ୍ତ) ମତେ ହୋଲ୍ଡିଂ ସଂଖ୍ୟା 18 ,ମୌଜା –ଜାମୁଣ୍ଡା, ଥାନା – ତୁସୁରା, ପକ୍ଷେ କୁଞ୍ଜ ବିହାରୀ ଦୋରା, ପରିକ୍ଷିତ ଦୋରା, ପି : ପଦ୍ମନାଭ ଦୋରା ,(ଶୁଭମ୍ ଦୋରାଙ୍କ ପୂର୍ବପୁରୁଷ)ଙ୍କ ନାମ ପ୍ରଜା ଭାବେ ଦର୍ଶାଯାଇଛି ଏବଂ ତହିଁ ରେ ତାହାଙ୍କର ଜାତି ତେଲେଙ୍ଗା ଭାବରେ ଉଲ୍ଲିଖିତ ଅଛି । ସାବକ ଖାତା 18 ସହ ହାଲ୍ ଖାତା 34ଏବଂ ଖାତା 23 ମେଳ ଖାଏ । ସେଥିରେ ମଧ୍ୟ ତାଙ୍କର ଜାତି ' ତେଲେଙ୍ଗା ' ଦର୍ଶାଯାଇଅଛି । ଏହା ଭୂଲେଖ ୱେବସାଇଟ୍ / ତହସିଲ୍ ଅଭିଲେଖାଗାର ଏବଂ ଜିଲ୍ଲା ଅଭିଲେଖାଗାରରେ ବର୍ଣ୍ଣିତ ।"*

2. ପୂର୍ବରୁ ରାଜ୍ୟ ଦାବି କରିଥିଲା ଯେ ତା 15 ରିଖ ମଇ 1935 ମସିହା ରେ ସେ ସମୟର ପାଟଣା ପ୍ରଦେଶର ବନ୍ଦୋବସ୍ତ ଅଫିସର ସାବକ ଖାତା 18 ଯାହା ହାଲ୍ ଖାତା 34 ଏବଂ ଖାତା 23 ସହ ମେଳଖାଏ , ପକ୍ଷେ ସର୍ବପ୍ରଥମେ ଆବେଦନକାରୀଙ୍କ ଜେଜେଙ୍କ ନାମ ଦରଜ କରି ତାହାଙ୍କ ଜାତି 'ତେଲେଙ୍ଗା' ବୋଲି ଦର୍ଶାଇ ଥିଲେ । ରାଜ୍ୟର କହିବା ମୁତାବକ "ଦୋରା"ଏକ ସମ୍ମାନ ସୂଚକ ଉପାଧି । ଜେଜେବାପାଙ୍କ ନାମ ରେ ଉପଲବ୍ଧ ସେହି ନିଦର୍ଶନ ପତ୍ର ଯାଞ୍ଚ ଅପେକ୍ଷାରେ ଅଛି । ପୁନଶ୍ଚ ଅପିଲ୍ ପରି ଉପାଦେୟ ବିକଳ୍ପ ବୈଧାନିକ ପ୍ରତିକାର ଉପଲବ୍ଧ ଥିବାରୁ ପରମାଦେଶ ପ୍ରଦାନ ଆବେଦନ ଆଗ୍ରାହ୍ୟ ଅଟେ |

3 . ଏହାର ଜବାବରେ, ଜେଜେବାପାଙ୍କ ଦ୍ୱାରା ଦାଖଲ ହୋଇଥିବା ଆବେଦନ ଉପରେ ତା 21 ଅପ୍ରେଲ 2023 ମସିହା ରେ ତହସିଲଦାର ଙ୍କ ଦ୍ୱାରା ଦିଆଯାଇଥିବା ଆଦେଶ ପ୍ରତି ଆବେଦନକାରୀ ଧ୍ୟାନ ଆକର୍ଷଣ କରିଛନ୍ତି । ଏକ ରାଜସ୍ୱ ବିବିଧ ମାମଲା ଜରିଆରେ ଜାମୁଣ୍ଡା ଗ୍ରାମର ହୋଲ୍ଡିଂ ସଂଖ୍ୟା 23 ପକ୍ଷେ ଜାତି ତେଲେଙ୍ଗା ପରିବର୍ତ୍ତେ 'କୋଣ୍ଡୋଦୋରା' ଦରଜ କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଥିଲା । ଆବେଦନକାରୀ ଦର୍ଶାନ୍ତି ଯେ ଅଧୁନା ନଥିରେ ଏହି ପ୍ଲଟ୍ ପକ୍ଷେ 'କୋଣ୍ଡଦୋରା' ଜାତିର ଉଲ୍ଲେଖ ରହିଛି । ପୁନଶ୍ଚ, ଆବେଦନକାରୀଙ୍କ ତରଫରୁ ବିଜ୍ଞ ଅଧିବକ୍ତା ଶ୍ରୀ ମିଶ୍ର ତା 31 ରିଖ ଜୁଲାଇ,2023 ମସିହାରେ ପାରିତ ଆଦେଶର ଅନୁଚ୍ଛେଦ 3 ଏବଂ 4 ନଥିଭୁକ୍ତ ହୋଇଥିବା ବିଷୟ ମାନ ଉପସ୍ଥାପିତ କରିଥିଲେ ଯାହା ନିମ୍ନରେ ଉଦ୍ଧୃତ ।

*" 3. ସେ ଉପସ୍ଥାପିତ କରନ୍ତି ଯେ, ତାଙ୍କର ମହକିଲଙ୍କ ବକ୍ତବ୍ୟ ଏହା ନୁହେଁ ଯେ ତେଲେଙ୍ଗା ବା ତେଲେଙ୍ଗାନା ଶବ୍ଦ ଏବଂ କୋଣ୍ଡଦୋରା' ଶବ୍ଦ ଏକାର୍ଥବୋଧକ । ତାଙ୍କର ମହକିଲଙ୍କ କଥା ହେଲା ସେ ଅନୁସୂଚିତ ଜାତି କୋଣ୍ଡଦୋରା' ପର୍ଯ୍ୟାୟ ଭୁକ୍ତ । ତାଙ୍କର ପୂର୍ବସୂରୀଗଣ ପଶ୍ଚିମ ଓଡ଼ିଶାର ବିଭିନ୍ନ ସ୍ଥାନକୁ ସ୍ଥାନାନ୍ତରିତ ହୋଇଥିଲେ ଏବଂ ପ୍ରବାସର ଉତ୍ପତ୍ତି ଦୃଷ୍ଟିରୁ ସେମାନଙ୍କୁ ତେଲେଙ୍ଗା କୁହାଗଲା ଏବଂ ସେମାନେ ତେଲେଙ୍ଗା ବୋଲି ଗଣ୍ୟ ହେଲେ । ସେ ପଶ୍ଚିମ ଓଡ଼ିଶାର 'ଦୋରା / 'କୋଣ୍ଡଦୋରା'ଙ୍କ ଜାତିଗତ ସ୍ଥିତି ଉପରେ ସ୍ପଷ୍ଟୀକରଣ ଟିପ୍ପଣୀ ଉପରେ ନିର୍ଭର କରନ୍ତି, ଯାହା ପରାମାଦେଶ ଆବେଦନର ପୃଷ୍ଠା 37ଏବଂ 38ରେ ସଂଲଗ୍ନ / ଅନ୍ୟାନ୍ୟ ବିଷୟ ମଧ୍ୟରେ ଟିପ୍ପଣୀରେ ଅନୁସୂଚିତ ଜାତି ଅନୁସୂଚିତ ଜନଜାତି ଗବେଷଣା ତାଲିମ ପ୍ରତିଷ୍ଠାନ (ଏସ୍. ସି. ଏସ୍. ଟି. ଆର୍. ଟି. ଆଇ.) ର ମତାମତ ସନ୍ନିବେଶିତ । ଏହାକୁ ନିମ୍ନରେ ଉଦ୍ଧାର କରାଯାଉଛି ।*

**" ଏହିପରି ଆମର ଅଧ୍ୟୟନ ଅନୁଯାୟୀ, ପଶ୍ଚିମ ଓଡ଼ିଶାର ବରଗଡ଼ ଏବଂ ବଲାଙ୍ଗିର ଜିଲ୍ଲା ଏବଂ ଦକ୍ଷିଣ ଓଡ଼ିଶାର କୋରାପୁଟ ଜିଲ୍ଲାର ତଥାକଥିତ "ଦୋରା" ଲୋକମାନେ 'କୋଣ୍ଡଦୋରା'(ଅନୁସୂଚିତ ଜନଜାତି ) ବୋଲି ପରିଗଣିତ ହୁଅନ୍ତି ।** ଅନ୍ୟ ଜିଲ୍ଲାର ତଥାକଥିତ "ଦୋରା" ମାନଙ୍କର ଜାତିଗତ ସ୍ଥିତି ସମ୍ବନ୍ଧରେ ଏହି ଅନୁସନ୍ଧାନଗୁଡ଼ିକୁ ସାଧାରଣୀକରଣ କରାଯାଇପାରିବ ନାହିଁ, କାରଣ ଉପରେ ସ୍ୱଷ୍ଟ ଭାବରେ ସୂଚିତ ତଥା ଆନୁସଙ୍ଗିକ ଜାତିଗତ ସ୍ଥିତି ବିବୃତି ରେ, "ଦୋରା" ଶବ୍ଦର ବ୍ୟାପକତା ଏବଂ ଶ୍ରେଣୀବିଭାଗ ଅନୁମେୟ, କାରଣ "ଦୋରା" ଏକ ନିର୍ଦ୍ଦିଷ୍ଟ ସମ୍ପ୍ରଦାୟର ନାମ ନୁହେଁ ବରଂ ସାଧାରଣତଃ ଆଦିବାସୀ ଏବଂ ଅଣ-ଆଦିବାସୀ ମୂଳର ଅନେକ ସମ୍ପ୍ରଦାୟ ଦ୍ୱାରା ବ୍ୟବହୃତ ଏକ ସମ୍ମାନଜନକ ଉପାଧି । ସେମାନଙ୍କ ମଧ୍ୟରେ କେବଳ

ଯେଉଁମାନେ ଆମର ଜାତିଗତ ସ୍ଥିତି ବିବୃତିରେ ତୁଳନାତ୍ମକ ଭାବରେ ବିଶ୍ଳେଷଣ କରାଯାଇଥିବା କୋଣ୍ଡଦୋରାର ସାମାଜିକ-ସାଂସ୍କୃତିକ ବୈଶିଷ୍ଟ୍ୟ ଧାରଣ କରନ୍ତି ସେମାନଙ୍କୁ କେବଳ କୋଣ୍ଡଦୋରା (ଏସ୍. ଟି.) ଭାବରେ ବିବେଚନା କରାଯାଇପାରିବ ।"

(ଗୁରୁତ୍ଵ ପ୍ରଦାନ କରାଗଲା)

*4. ସେ ଡବ୍ଲ୍ୟୁ. ପି. (ସି) ସଂଖ୍ୟା 20909 / 2011 ଯାହା ତା 16 ରିଖ ନଭେମ୍ବର 2011 ମସିହାରେ ରାଜ୍ୟ ଦ୍ଵାରା ଦାଖଲ କରାଯିବା ଖଣ୍ଡନ ପତ୍ରର ଅବ୍ୟବହିତ ପରେ ସମନ୍ଵିତ ବିଚାରପୀଠ ଦ୍ଵାରା ଖାରଜ ହୋଇଯାଇଛି , ତାହା ଦାଖଲ କଲେ । ତାହା ଶ୍ରୀ ମିଶ୍ର ଙ୍କୁ ଫେରାଇ ଦିଆଗଲା ।"*

ତଦନୁସାରେ , ଆବେଦନକାରୀ ଙ୍କୁ ପରମାଦେଶ ଆବେଦନ ଏବଂ ରାଜ୍ୟ ଦ୍ଵାରା ଦାଖଲ ହୋଇଥିବା ଖଣ୍ଡନ ପତ୍ର ପ୍ରକାଶ କରିବାକୁ ସ୍ଵାଧୀନତା ଦିଆଯାଇଥିଲା । ସେଗୁଡ଼ିକ ପ୍ରକାଶ କରାଯାଇଛି ଏବଂ ରାଜ୍ୟ ତରଫରୁ ହାଜର ହେଉଥିବା ବିଜ୍ଞ ଅତିରିକ୍ତ ସରକାରୀ ଓକିଲ ସୁଶ୍ରୀ ପଟ୍ଟନାୟକଙ୍କୁ ଏହାର ନକଲ ପ୍ରଦାନ କରାଯାଇଛି ।

4. ଆଜି ସୁଶ୍ରୀ ପଟ୍ଟନାୟକ, **ମହାରାଷ୍ଟ୍ର ରାଜ୍ୟ ବନାମ କେଶବ ବିଶ୍ଵନାଥ ସୋନୋନ ( 2021 ) 13 ଏସ୍ ସି ସି 366**ରେ ବିବୃତ ହୋଇଥିବା ମାମଲାରେ ସର୍ବୋଚ୍ଚ ନ୍ୟାୟାଳୟଙ୍କ ରାୟ ଉପରେ ନିର୍ଭର କରନ୍ତି, ଯାହା ଅନୁଚ୍ଛେଦ 45 ରୁ 65 ରେ ଉପସ୍ଥାପନ କରାଯାଇଛି । ସେ ବକ୍ତବ୍ୟ ରଖନ୍ତି ଯେ, ସର୍ବୋଚ୍ଚ ନ୍ୟାୟାଳୟଙ୍କ ମତରେ, ଏହି ଉପସଂହାର ଅନିବାର୍ଯ୍ୟ ଯେ ଉଚ୍ଚ ନ୍ୟାୟାଳୟ ଏପରି ଦାବି ଗ୍ରହଣ କରିପାରିବେ ନାହିଁ କିମ୍ବା ପ୍ରମାଣ ଯାଞ୍ଚ କରି ଏହା ସ୍ଥିର କରିପାରିବେ ନାହିଁ ଯେ 'ଗୋୱାରୀ' ଜନଜାତି ଅନୁସୂଚିତ ଜନଜାତି ' ଗୋଣ୍ଡ ଗୋୱାରୀ ' ର ଏକ ଅଂଶ, ଯାହା ସମ୍ବିଧାନ (ଅନୁସୂଚିତ ଜନଜାତି) ଆଦେଶ, 1950ର ଅନ୍ତର୍ଭୁକ୍ତ । ସେ କହନ୍ତି, ଆଇନ୍ ର ଘୋଷଣା ସ୍ପଷ୍ଟ ଯେ ସଂସଦର ଅଧିନିୟମ ଦ୍ଵାରା ରାଷ୍ଟ୍ରପତିଙ୍କ ଆଦେଶରେ ସଂଶୋଧନ ବ୍ୟତିରେକ , କୌଣସି କର୍ତ୍ତୃପକ୍ଷଙ୍କ ଦ୍ଵାରା ରାଷ୍ଟ୍ରପତିଙ୍କ ଆଦେଶ ଅନ୍ତର୍ଗତ ଜାତିର ପରିବର୍ତ୍ତନ କିମ୍ବା ଏହାର ଅର୍ଥ ଏକ ସମ ଅର୍ଥ ବୋଧକ ଶବ୍ଦ ଦ୍ଵାରା ପରିବର୍ତ୍ତନ କରାଯାଇ ପାରିବ ନାହିଁ ।

HIGH COURT ORISSA सत्यमेव जयते

5. ଏସ୍. ସି. ଏସ୍. ଟି. ଆର୍. ଟି. ଆଇ. ର ଦୃଷ୍ଟିଭଙ୍ଗି ବହନ କରୁଥିବା ଟିପ୍ପଣୀ ଆଧାରରେ 'ଦୋରା' ସମ୍ପ୍ରଦାୟ ଉପରେ ନକଲି ଜାତି ପ୍ରମାଣପତ୍ର ସମ୍ବନ୍ଧରେ ସରକାରଙ୍କ ଦ୍ୱାରା ଜାରି କରାଯାଇଥିବା ପରିପତ୍ର ଆଦେଶ କୁ ଅବେଦନକାରୀ ଆପତ୍ତି କରିବା ବିଷୟ ପ୍ରକାଶିତ ହେବାପରେ, ଏହା ବିରୁଦ୍ଧ ରେ ଏହି ଅଦାଲତରେ ଆପତ୍ତି କରାଯାଇଥିଲା । ରାଜ୍ୟ ପରମାଦେଶ ଆବେଦନର ପ୍ରତିଆରୋପ ଦାଖଲ କରିଥିଲା, ଯେଉଁଥିରେ ଏହା ପରିପତ୍ର ଆଦେଶର ପକ୍ଷ ନେଇଥିଲା । ଆବେଦନକାରୀ ମକଦ୍ଦମାଟିକୁ ସଂଚାଳିତ କରିନଥିବାରୁ ପରମାଦେଶ ଆବେଦନ ଟିକୁ ପରିଚାଳିତ ନକରିବାରୁ ଏହାକୁ ଖାରଜ କରାଯାଇଥିଲା । ତେଣୁ ସ୍ପଷ୍ଟୀକରଣରେ ହସ୍ତକ୍ଷେପ କରାଯାଇ ନଥିଲା । ଆପତ୍ତିକାରୀଙ୍କ ମାମଲାଟି ହେଉଛି ଯେ ସ୍ପଷ୍ଟୀକରଣର ଅବ୍ୟବହିତ ପରେ ରାଜସ୍ୱ ରେକର୍ଡ ଅନୁଯାୟୀ ରାଜସ୍ୱ ବିବିଧ ମାମଲା ଆରମ୍ଭ କରାଯାଇଥିଲା । ତାଙ୍କ ଜେଜେବାପାଙ୍କ ସଠିକ୍ ଜାତିକୁ ପ୍ରତିଫଳିତ କରିବାପାଇଁ, ଜାମୁଣ୍ଡା ଗ୍ରାମର ହୋଲ୍ଡିଂ ସଂଖ୍ୟା 23 ସମ୍ବନ୍ଧୀୟ ରାଜସ୍ୱ ନଥି ରେ ସଂଶୋଧନ କରାଯାଇଥଲା ।

6. ନଥି ସଂଶୋଧନ ପ୍ରକ୍ରିୟାରୁ ଆବେଦନକାରୀଙ୍କ ଜାତି ଯାହା 'କୋଣ୍ଡଦୋରା ' ତାହା ଯେ ଅନୁସୂଚିତ ଜାତି ର ଅଂଶବିଶେଷ ଏଭଳି ଉତ୍ତମ ସମ୍ଭାବନା ସୃଷ୍ଟି ହେଲା । ଏପରି ଏକ ଅବଧାରଣାକୁ ପାଥେୟ କରି ଆବେଦନକାରୀ ଦାବି କରନ୍ତି ଯେ ଏଭଳି ଜାତିଗତ ପ୍ରମାଣପତ୍ର ତାଙ୍କର ପ୍ରାପ୍ୟ | ନଥିରେ ହୋଇଥିବା ସଂଶୋଧନ (ଏସ୍. ସି. ଏସ୍. ଟି. ଆର୍. ଟି. ଆଇ.) ଅନୁଷ୍ଠାନ ଦ୍ୱାରା କରାଯାଇଥିବା ଏକ ଅଧ୍ୟୟନ ଏବଂ ଏହା ଉପରେ ନିଆଯାଇଥିବା ଦୃଷ୍ଟିକୋଣ ଉପରେ ପର୍ଯ୍ୟବେଶିତ ଏହା ଅନୁଯାୟୀ ପଶ୍ଚିମ ଓଡ଼ିଶାର ତତ୍କାଳୀନ ବରଗଡ ଏବଂ ବଲାଙ୍ଗିର ଜିଲ୍ଲା ଏବଂ ଦକ୍ଷିଣ ଓଡ଼ିଶାର କୋରାପୁଟ ଜିଲ୍ଲାରେ ' ଦୋରା ' କୁହାଯାଉଥିବା ଲୋକମାନେ ' କୋଣ୍ଡଦୋରା ' ବୋଲି ଧରଯାଏ । ' ଦୋରା ' ଏକ ସମ୍ମାନଜନକ ଉପାଧି ହେବା ନେଇ ରାଜ୍ୟର ଯୁକ୍ତି ଏହି ମତ ଉପରେ ଆଧାରିତ ବୋଲି ଜଣାପଡ଼େ । ଅଧ୍ୟୟନରୁ ଜଣାପଡ଼ିଛି ଯେ ପ୍ରବାସର ଉତ୍ପତ୍ତି ଜନିତ କାରଣରୁ ଆଦିବାସୀ ଲୋକମାନେ ଅଧିକନ୍ତୁ 'ତେଲେଙ୍ଗା' ନାମରେ ପରିଚିତ ଥିଲେ । ସୁବିଧା ଦୃଷ୍ଟିରୁ ହେଲେ ମଧ୍ୟ ସେମାନଙ୍କର ଏପରି ନାମକରଣ ଏକ ଅବାଞ୍ଛିତ ବର୍ଣ୍ଣନା ଥିଲା । ତେବେ ଏହା ସେମାନେ ଯେ ଅନୁସୂଚିତ ଜନଜାତି ' କୋଣ୍ଡଦୋରା 'ର ସଦସ୍ୟ, ସେହି ପରିଚୟ କୁ ନିଶ୍ଚିହ୍ନ କରିପାରିବ ନାହିଁ । ନଥିରେ ଦର୍ଶାଯାଇଥିବା ଅଭିଲେଖ ଏକ ଖଣ୍ଡନ ଯୋଗ୍ୟ ଅବଧାରଣା । ଏଠାରେ କିଛି ଖଣ୍ଡନ କରାଯାଇନାହିଁ । ଆଇନରେ ସେହି ଅନୁମାନ ସମ୍ଭାବ୍ୟ ଯାହା ପ୍ରମାଣ ଭାବରେ ଗ୍ରହଣୀୟ ।

7. ଆବେଦନକାରୀଙ୍କ ମାମଲା ରାଷ୍ଟ୍ରପତିଙ୍କ ଆଦେଶରେ ଉଲ୍ଲେଖ କରାଯାଇଥିବା ଜାତି ମାନଙ୍କ ମଧ୍ୟରୁ ଏକର ସମାର୍ଥବୋଧକ ଶବ୍ଦର ବ୍ୟାଖ୍ୟା ଉପରେ ଆଧାରିତ ନୁହେଁ । ଏହା ମଧ୍ୟ ତାଙ୍କର ମାମଲା ନୁହେଁ ଯେ ସେ ଯେଉଁ ଜାତିର ଅଟନ୍ତି , ତାହା ଏପରି ହେବା ଉଚିତ ଯାହା ରାଷ୍ଟ୍ରପତିଙ୍କ ଆଦେଶରେ ଜାତି ଉଲ୍ଲେଖ ହୋଇନଥିଲେ ମଧ୍ୟ ତାଙ୍କୁ ଜାତି ପ୍ରମାଣପତ୍ର ପ୍ରଦାନ କରିବାର ଅଧିକାର ଦେଇଥାଏ । ତାଙ୍କ ମାମଲା ହେଉଛି ଯେ ସେ ଅନୁସୂଚିତ ଜନଜାତି ' କୋଣ୍ଡଦୋରା' ର ଅନ୍ତର୍ଗତ । ଏହା ଏକ ଉଲ୍ଲିଖିତ ଅନୁସୂଚିତ ଜନଜାତି । ତାଙ୍କ ଜେଜେବାପାଙ୍କ ଜାତିର ଭୁଲ ବର୍ଣ୍ଣନା ନଥିଭୁକ୍ତ କରାଯାଇ ଥିଲା । ଭୁଲ ବର୍ଣ୍ଣନାକୁ ସଂଶୋଧନ କରାଯାଇଛି । ଏହି ସଂଶୋଧନ ତିଷ୍ଠି ରହିଛି ଏବଂ ଏହା ତାଙ୍କ ପରିଚୟ ର ଉତ୍ତମ ପ୍ରମାଣ ।

8. 2023 ମସିହା ମେ ମାସ 6 ତାରିଖର ଆପତ୍ତି କରାଯାଇଥିବା ଆଦେଶକୁ ଅଗ୍ରାହ୍ୟ କରି, ପ୍ରାସଙ୍ଗିକ ପ୍ରମାଣ ଆଧାରରେ ନୁହେଁ , ବରଂ ବିକୃତ ଥାଇ ଏହାକୁ ରଦ୍ଦ କରିଦିଆଯାଉଅଛି । ତେଣୁ ପରମାଦେଶ ଆବେଦନ ଗ୍ରହଣୀୟ, ଆବେଦନକାରୀଙ୍କ ଜେଜେବାପା କିମ୍ବା ଅନ୍ୟ କୌଣସି ସମ୍ପର୍କୀୟଙ୍କ ଜାତି ପ୍ରମାଣପତ୍ର ଯାଞ୍ଚର ବ୍ୟତୀତ, କୌଣସି ନିର୍ଦ୍ଦିଷ୍ଟ କାରଣରୁ ଦରଖାସ୍ତ ପ୍ରତ୍ୟାଖ୍ୟାନ କରାଯାଇନଥିଲେ, ତୁରନ୍ତ ଜାତି ପ୍ରମାଣପତ୍ର ଜାରି କରିବାକୁ ତହସିଲଦାରଙ୍କୁ ନିର୍ଦ୍ଦେଶ ଦିଆଯାଉଅଛି । ସଂଚାର ପ୍ରାପ୍ତିର ଛଅ ସପ୍ତାହ ମଧ୍ୟରେ ଜାତି ପ୍ରମାଣପତ୍ର ପ୍ରତ୍ୟାଖ୍ୟାନ କିମ୍ବା ଜାରି କରାଯିବା ଆବଶ୍ୟକ ।

9. ପରମାଦେଶ ଆବେଦନର ପରିସମାପ୍ତି ହୋଇଛି ।

(ଅରିନ୍ଦମ ସିହ୍ନା)
ନ୍ୟାୟମୂର୍ତ୍ତି

*ପ୍ରଶାନ୍ତ*

<u>ଅସ୍ୱୀକରଣ</u>

"ଉପଭାଷାରେ ଅନୁବାଦିତ ରାୟ କେବଳ ମକଦ୍ଦମାରେ ପକ୍ଷଭୁକ୍ତ ବ୍ୟକ୍ତିଙ୍କର ସୀମିତ ବ୍ୟବହାର ଏବଂ ତାଙ୍କ ଆଞ୍ଚଳିକ ଭାଷାରେ ବୋଧଗମ୍ୟ ହେବା ନିମନ୍ତେ ଉଦ୍ଦିଷ୍ଟ ଏବଂ ଅନ୍ୟ କୌଣସି ଉଦ୍ଦେଶ୍ୟ ନିମନ୍ତେ ଏହା ବ୍ୟବହାର କରାଯାଇନପାରେ । ସମସ୍ତ ବ୍ୟବହାରିକ ଏବଂ ସରକାରୀ ଉଦ୍ଦେଶ୍ୟ ନିମନ୍ତେ ରାୟର ଇଂରାଜୀ ସଂସ୍କରଣଟି ପ୍ରାମାଣିକ ବିବେଚିତ ହେବ ଏବଂ ସମସ୍ତ କାର୍ଯ୍ୟାନ୍ୱୟନ ଏବଂ ନିଷ୍ପାଦନ ନିମନ୍ତେ ଏହା ଉପଯୁକ୍ତ ବିବେଚିତ ହେବ ।"

ଅନୁବାଦିକା: ସସ୍ମିତା ନାଏକ

ଓଡ଼ିଶା ଉଚ୍ଚ ନ୍ୟାୟାଳୟ,କଟକ

HIGH COURT
सत्यमेव जयते
ORISSA